## ଓଲଟିଲା କାଠ ବୋଝେଇ ଟ୍ରକ୍

ଗୋପବନ୍ଧୁ ନଗର,(ଡି.ଏନ.ଏ.)- ଉଦଳା-ଜୟପୁର ରାସ୍ତାର ଜାମୁଘାଟ ନିକଟରେ ଶୁକ୍ରବାର ମଧାହ୍ନରେ ଡାଇଭର୍ସନ ରାସ୍ତାର ଅସ୍ଥାୟୀ ପୋଲରେ ଯାଉଥିବା ଏକ କାଠ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଟ୍ରକ୍ ଚାଳକ ଚିତ୍ତରଞ୍ଜନ ସାହୁ ଆହତ ହୋଇଥିବା ବେଳେ ହେଲପର ବର୍ତ୍ତି ଯାଇଛନ୍ତି। ଟ୍ରକ୍‌ଟି ବଡ଼ସାହି ଅଞ୍ଚଳରୁ ଜାଳେଣି କାଠ ନେଇ ଉଦଳା ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଉଲ୍ଲେଖଯୋଗ୍ୟ, ୧୦ମାସ ତଳେ ଜାମୁଘାଟ ପୋଲ ଦବି ଯିବାରୁ ତାହା ବିପଦସଙ୍କୁଳ ଅବସ୍ଥାରେ ରହିଛି।

# ସ୍ୱଦେଶୀ ମେଳା ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କେନ୍ଦୁଝର,୨୧।୪(ଡି.ଏନ୍.ଏ)**

କେନ୍ଦୁଝର କାଳୀପଡ଼ିଆରେ ଅନୁଷ୍ଠିତ ହେଉଥିବର ସ୍ୱଦେଶୀ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝରଗଡ଼ ପୌରପାଳିକାର ଉପାଧ୍ୟକ୍ଷ ବରଦାପ୍ରସନ୍ନ ଦାସ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଖବରଦାତା ଦୀପକ ମିଶ୍ର, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମୀନା ମାଝୀ, କେନ୍ଦୁଝର ସଦର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା କିରଣବାଳା ନାୟକ, ସ୍ୱଦେଶୀ ଜାଗରଣ ମଞ୍ଚର ସଦସ୍ୟ ମନୋଜ ନାଏକ, ସ୍ୱଦେଶୀ ମେଳାର ଆୟୋଜକ ପ୍ରମୋଦ ଜେନା, ଚିତ୍ତରଞ୍ଜନ ବେହେରା, ଆୟୋଜକ ଡ୍ରିମ୍‌ର ସନ୍ତୋଷ ମହାପାତ୍ର ଓ ସମ୍ପାଦକ ଅମରେନ୍ଦ୍ର ସାହୁପ୍ରମୁଖ ଉପସ୍ଥିତ ଥିଲେ।

# ଜନ୍ମମାଟିରେ ରାଷ୍ଟ୍ରପତିଙ୍କୁ ଦିଆଯିବ ନାଗରିକ ସମ୍ବର୍ଦ୍ଧନା

**ରାଇରଙ୍ଗପୁର,୨୧।୪(ଡି.ଏନ.ଏ.):** ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମମାଟି ରାଇରଙ୍ଗପୁରଠାରେ ନାଗରିକ ସମ୍ବର୍ଦ୍ଧନା ଦିଆଯିବ। ଆସନ୍ତା ମେ ୮ ଏବଂ ୯ ତାରିଖ ୨ ଦିନିଆ ମୟୂରଭଞ୍ଜ ଗସ୍ତ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ରାଇରଙ୍ଗପୁର ଭାଜପା ବିଧାୟକ ନବଚରଣ ମାଝି କହିଛନ୍ତି। ଏନେଇ ରାଇରଙ୍ଗପୁର କଚେରୀ ପଡ଼ିଆ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ କାର୍ଯ୍ୟସୂଚୀ ସରକାରୀ ଭାବେ ମିଳି ନ ଥିବା ବେଳେ ଜନ୍ମମାଟି କୁସୁମୀ ବ୍ଲକ୍ ଅନ୍ତର୍ଗତ ଉପରବେଡ଼ା ଓ ଶାଶୁ ଘର ପାହାଡପୁର ଗସ୍ତ କାର୍ଯ୍ୟକ୍ରମ ରହିଥିବା ବିଧାୟକ ମାଝି କହିଛନ୍ତି। ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଦ୍ରୌପଦୀ ମୁର୍ମୁ ପ୍ରଥମ ଥର ପାଇଁ ମୟୂରଭଞ୍ଜ ଗସ୍ତରେ ଆସୁଥିବାରୁ ଜନ୍ମମାଟି ସମେତ ସମଗ୍ର ଜିଲାରେ ଖୁସିର ମାହୋଲ ଦେଖିବାକୁ ମିଳିଛି।

# ୪ ହାତୀଦାନ୍ତ ଜବତ, ଶିକାରୀ ଗିରଫ

**ବାରିପଦା ଅଫିସ, ୨୧।୪**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା ଦୁଇ ଦନ୍ତାହାତୀର ଦୁଇଯୋଡ଼ା ଦାନ୍ତକୁ ବନବିଭାଗ ଜବତ କରିଛି। ବନକର୍ମଚାରୀମାନେ ଗ୍ରାହକ ସାଜି ଦାନ୍ତ କିଣିବାକୁ ଯାଇ ଏକ ଢାବାରୁ ମୂଲ୍ୟବାନ ଦାନ୍ତଗୁଡ଼ିକୁ ଜବତ କରିବାରେ ସଫଳ ହୋଇଛନ୍ତି। ଏହା ସହିତ ଜଣେ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଯଶିପୁର ଥାନା ଅଧୀନ ବାଗଡେଗା ଗଡଶିମିଳିପାଳର ରଘୁନାଥ ପିଙ୍ଗୁଆ(୩୧)। ଏ ସଂକ୍ରାନ୍ତରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗନେନି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ୨୦୨୨ ଡିସେମ୍ବର ୭ ଓ ୨୦୨୩ ଫେବୃଆରୀ ୯ରେ ଦୁଇଟି ଦନ୍ତାହାତୀକୁ ଶିକାର କରାଯାଇଥିଲା। ଡିଭିଜନର ଜେନାବିଲ ରେଞ୍ଜ ଅଧୀନ ଗୁରୁଣ୍ଡିଆ ସେକ୍ସନରେ ଏକ ଦନ୍ତାହାତୀକୁ ଶିକାର କରାଯାଇଥିବା ବେଳେ ପିଠାବଟା ରେଞ୍ଜ ବାଲିଖାଳ ସେକ୍ସନ ଗୋପୀନାଥପୁର ବିଟ୍ ଅଞ୍ଚଳରେ ଅନ୍ୟ ଏକ ହାତୀର ଦାନ୍ତ ସହ ଶୁଣ୍ଢକାଟି ଶିକାରୀମାନେ ନେଇଯାଇଥିଲେ। ଏହାକୁ ନେଇ ବନବିଭାଗର ତଦନ୍ତ ଜାରି ରହିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଶିକାରୀଙ୍କଠାରୁ ଦାନ୍ତ କିଣିବାକୁ ଯୋଜନା ପ୍ରସ୍ତୁତ କରିଥିଲେ।

# ଚୋରି ପାଇଁ ଯୋଜନା ବେଳେ ଧରାପଡ଼ିଲେ, ୬ କୋର୍ଟ ଚାଲାଣ

**ଭଣ୍ଡାରିପୋଖରୀ, ୨୧।୪ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ସରସଦା ପଞ୍ଚାୟତ ଉତ୍ତରାଗଡ଼ିଆ ଗ୍ରାମଠାରୁ ଗୁରୁବାର ସନ୍ଧ୍ୟାରେ ଗିରଫ ହୋଇଥିବା ୬ ସନ୍ଦିଗ୍ଧଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଚୋରି ପାଇଁ ଯୋଜନା କରୁଥିବା ବେଳେ ସେମାନେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ପ୍ରକାଶ ଯେ, ଉକ୍ତ ଅଞ୍ଚଳରେ ୧୫ ଦିନ ଧରି ଛୋଟ ବଡ଼ ଚୋରି ହୋଇଥିବା ବେଳେ ଉତ୍ତରାଗଡ଼ିଆ ଗାଁ ନିକଟରେ ୭ ଅଚିହ୍ନା ଯୁବକଙ୍କ ଏକାନ୍ତ ବୈଠକ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକ ରଖିଥିବା ବେଳେ କୌଶଳ କ୍ରମେ ଜଣେ ଯୁବକ ଖସି ପଳାଇଥିଲେ। ପରେ ଏନେଇ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ୬ଜଣଙ୍କୁ ଗିରଫ କରିଥିଲା। ଥାନାରେ ଜେରା ବେଳେ ଚୋରି ପାଇଁ ସେମାନେ ଯୋଜନା କରୁଥିଲେ ପୋଲିସ ଜାଣିବାକୁ ପାଇଥିଲା। ସେମାନଙ୍କଠାରୁ ଦୁଇଟି ବାଇକ୍ ସହ ଭୁଜାଲି, ମୋବାଇଲ ଓ ଦୁଇଟି ଲୁହା ରଡ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୌଡ଼ବିସି ନୂଆପଡାର ଅଶୋକ ଦାସ, ଉଦୟନାଥ ବାରିକ, ଜଗନ୍ନାଥ ଘଡ଼େଇ, କୋଟସିରାର ସନ୍ତୋଷ କୁମାର ଜେନା, ଗଣିଜାଙ୍ଗର ଶିବ ଜେନା ଓ ଆଗରପଡ଼ାର ଦୀପକ କୁମାର ଜେନା। ଏନେଇ ଥାନାରେ ମାମଲା (ନଂ.୧୧୨/୨୩) ରୁଜୁ ହୋଇଛି।

# ଦୁର୍ଘଟଣାରେ ମିଠା କାରିଗର ମୃତ

**ଖଇରା, ୨୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଡ ବଜାରରେ ଏକା ମିଠା ଦୋକାନରେ କାରିଗର ଭାବେ କାର୍ଯ୍ୟ କରୁଥିବା କ୍ରିଷ୍ଣା ବାରିକ(୪୫) ଗୁରୁବାର ରାତିରେ ଅଜଣା ଗାଡି ଧକ୍କାରେ ପ୍ରାଣ ହରାଇଛନ୍ତି । ରାତିରେ ଦୋକାନ ବନ୍ଦ ହେବା ପରେ ସେ ଦୋକାନ ମାଲିକଙ୍କ ବାଇକରେ ବସି ଭଡା ଘରକୁ ଯାଉଥିଲେ । ଏହି ସମୟରେ ଏକ ଭାରିଯାନ ପଛପଟୁ କ୍ରିଷ୍ଣାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ।




# ବିଷପିଇ ମହିଳାଙ୍କ ଆତ୍ମହତ୍ୟା: ହତ୍ୟା ଅଭିଯୋଗ

**ସୋର, ୨୧।୪(ଡି ଏନ.ଏ.):** ସିମୁଳିଆ ଥାନା ଚାଲୁଣିଗାଁ ଗ୍ରାମର ଜଣେ ମହିଳା ଶୁକ୍ରବାର ବିଷପିଇ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମହିଳାଙ୍କ ବାପା ଘର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିଲେ। ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସୋର ବ୍ଲକ ଟେଣ୍ଟେଇ ପଞ୍ଚାୟତ ଷୋଳଗାଁ ଗ୍ରାମର ନବକିଶୋର ନାୟକଙ୍କ ଝିଅ ଲିଜାଲତାଙ୍କ ସହିତ ସିମୁଳିଆ ଥାନା ଚାଲୁଣିଗାଁ ଗ୍ରାମର ନୟନ ଲେଙ୍କାଙ୍କ ପୁଅ ସୁଶାନ୍ତ ଲେଙ୍କାଙ୍କ ସହିତ ୭ବର୍ଷ ପୂର୍ବେ ବିବାହ ହୋଇଥିଲା। ବିବାହ ପରେ ଲିଜାଲତାଙ୍କ ଶ୍ୱଶୁର, ଶାଶୁ ଏବଂ ସ୍ୱାମୀ ତାଙ୍କୁ ଅଧିକ ଯୌତୁକ ପାଇଁ ବିଭିନ୍ନ ସମୟରେ ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ବେଳେ ତାଙ୍କୁ ବଳପୂର୍ବକ ବିଷ ପିଆଇ ଦେଇଥିବାରୁ ଲିଜାଲତାଙ୍କର ମୃତ୍ୟୁ ହୋଇଛି ବୋଲି ତାଙ୍କ ମା' ସୁକାନ୍ତି ନାୟକ ସିମୁଳିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସିମୁଳିଆ ପୋଲିସ ଏକ ମାମଲା(ନଂ.୧୫୭/୨୩) ରୁଜୁ କରି ସୋର ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଖଇରାରେ ବିଜେଡିର ମିଶ୍ରଣ ପର୍ବ



ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହ ବିଜେଡିରେ ଯୋଗ ଦେଇଥିବା ଅନ୍ୟ ଦଳର କର୍ମୀ।

**ଖଇରା, ୨୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ବିଜେଡିର ଶକ୍ତି ଦିନକୁ ଦିନକୁ ବୃଦ୍ଧି ପାଇବାରେ ଲାଗିଛି । ୩୭ ପଞ୍ଚାୟତରେ ଅନ୍ୟ ଦଳର କର୍ମୀମାନେ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସାରୁଗାଁ ପଞ୍ଚାୟତରେ ମାହାରାସାହିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବୁଧବାର ଯୁବ ବିଜେଡିର ଜିଲା ଉପସଭାପତି ଗୌତମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ନବୀନ ସରକାରଙ୍କ ଶାସନରେ ଓଡିଶାର ସାଢେ ୪ କୋଟି ଲୋକ ଶାନ୍ତିରେ ରହିଥିବା କଥା କହିଥିଲେ। ସେହିଭଳି ସିମୁଳିଆର ପ୍ରଗତି ମଧ ଶୀର୍ଷରେ ପହଞ୍ଚିଥିବା କହିଥିଲେ । ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ପରିଡା, ଜିଲା ପରିଷଦ ସଭ୍ୟ ରଶ୍ମିତା ମହାପାତ୍ର, ବରିଷ୍ଠ ନେତା ଜିତେନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତଥା ସିମୁଳିଆ ବିଧାୟକଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ରବୀନ୍ଦ୍ର ଜେନା, ପ୍ରଦୀପ ଜେନା, ଭାଗିରଥି ଜେନା, ରାମୁ ଜେନାଙ୍କ ସମେତ ବହୁ ବ୍ୟକ୍ତି ବିଜେଡିରେ ଯୋଗ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ନିଲୁ


@କୀର୍ତ୍ତି


@ମଦନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।







# ଚକ୍ଷୁ ଚିକିତ୍ସା ଶିବିର

ଭଦ୍ରକ ଅଫିସ, ୨୧।୪(ସ୍ୱ.ପ୍ର.)-ଭଦ୍ରକ ମଠସାହି ୬ ନମ୍ବର ୱାର୍ଡର ମିଶନ ଶକ୍ତି ଗୃହଠାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାଲକ୍ଷ୍ମୀ ମହିଳା ମହାସଂଘ ସହଯୋଗରେ ଭୁବନେଶ୍ୱର କେୟାର ନେତ୍ରମ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ପୌର ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା ଉଦ୍‌ଘାଟନ କରିଥିଲେ। ବହୁ ରୋଗୀ ସେମାନଙ୍କର ଚକ୍ଷୁ ଚିକିତ୍ସା କରାଇଥିଲେ। ମହାସଂଘ ସଭାପତି ଗୀତାଞ୍ଜଳି ସାହା, ସମ୍ପାଦକ ରିତାରାଣୀ ବେହେରା, କୋଷାଧ୍ୟକ୍ଷ ଦୀପ୍ତିପ୍ରଭା ରାୟ, ପୂର୍ବତନ କାଉନସିଲର ପ୍ରବୀର ଜେନା, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ଖବରଦାତା ରୂପକ ରାୟ, ଟୁଲୁ ରାୟ, ଶିକ୍ଷୟିତ୍ରୀ ମନୋରମା ରାୟ, ତେଜସ୍ୱିନୀ ଦାସ, ଶ୍ରାବଣୀ କର ପ୍ରମୁଖ ଉପସ୍ଥିତ ଥିଲେ।






### ବୈଶିଙ୍ଗାରେ ଅଂଶୁଘାତ ମୃତ୍ୟୁ ଅଭିଯୋଗ

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଁଳା ପଞ୍ଚାୟତର କ୍ଷେତ୍ରପାଟଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ ମଙ୍ଗୁଳି ପାତ୍ର(୫୫)। ମଧ୍ୟାହ୍ନ ସମୟରେ ସେ ଗ୍ରାମ ନିକଟସ୍ଥ ବିଲରେ ଗୋରୁ ଚରାଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ଦୋଷୀଙ୍କୁ ୧୨ ବର୍ଷ ଜେଲ
#### ମଦ ପିଆଇ ମହିଳାଙ୍କୁ ବଳାତ୍କାର ମାମଲା

ବାରିପଦା ଅଫିସ,୨୧।୪- ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୁର୍ଗା ଚରଣ ମିଶ୍ର ଏହାର ବିଚାର କରି ଦୋଷୀଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ରାସଗୋବିନ୍ଦପୁର ଥାନା ଅଧୀନ ନୁନଚାଟି ଗ୍ରାମର ଶୁକୁଲ ବେଶ୍ରା(୨୫)। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ମେ' ୨୯ରେ ଜଣେ ମହିଳାଙ୍କୁ ଏକୁଟିଆ ପାଇ ଶୁକୁଲ ମଦ ପିଆଇ ବଳାତ୍କାର କରିଥିଲେ। ପରଦିନ ମହିଳାଙ୍କ ସ୍ୱାମୀ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୯/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

### ନକଲି ଖବରଦାତାଙ୍କୁ ବିରୋଧ

ବାରିକପୁର,୨୧।୪ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଜଳମଣ୍ଡୁଆ ପଞ୍ଚାୟତରେ ଜଣେ ନକଲି ଖବରଦାତାଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ମୋଟା ଅଙ୍କରେ ଟଙ୍କା ମାଗିବା ସହ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରାଇବା, ଲୋକଙ୍କୁ ଭୟଭୀତ କରାଇବା ନେଇ ସରିଫପୁର ଗ୍ରାମରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ପ୍ରତିବାଦ କରାଯାଇଛି। ଉକ୍ତ ନକଲି ଖବରଦାତାଙ୍କ ବିରୋଧରେ ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦାସ, ନାଟ୍ୟକାର ଅରୁଣ ବାରିକ, ସମିତିସଭ୍ୟ ଜଗତ ଜୀବନ ବାରିକ, ୱାର୍ଡ ସଦସ୍ୟା ନମିତା ମଲ୍ଲିକ, ବଳରାମ ରାଉତ, ଶଶିକାନ୍ତ ଦାସ, ବାସୁଦେବ ଧଳ, ସୁଶାନ୍ତ ରାଉତ, ବିଜୟ ରାଉତ, ଭାସ୍କର ମୁଦୁଲି, ରତ୍ନାକର ଭୂୟାଁ, ଉଦୟ ଜେନା, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଜିଲାପାଳ ଓ ଜିଲା ଲୋକ ସମ୍ପର୍କ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।

### ୫୧ ବସ୍‌ର ଚାଲାଣ କଟିଲା

କେନ୍ଦୁଝର,୨୧।୪(ସ୍ୱ.ପ୍ର.): କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲାରେ ବିଭିନ୍ନ ସ୍ଥାନରେ ଯାତ୍ରୀବାହି ବସ ଯାଞ୍ଚ ଆରମ୍ଭ ହୋଇଛି। ବସ୍‌ର ରୁଟ୍ ପରମିଟ, ଫିଟ୍‌ନେସ, ଇନସ୍ୟୁରାନ୍ସ, ଯାତ୍ରୀଙ୍କ ସୁରକ୍ଷା ଆଦି ବିଷୟରେ ଯାଞ୍ଚ କରାଯାଇ ଖିଲାପ କରିଥିବା ସମୁଦାୟ ୫୧ ବସ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାଲାଣ କଟାଯାଇଥିବା ପରିବହନ ବିଭାଗ ପକ୍ଷରୁ ଜଣାପଡ଼ିଛି। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ ଜାରି ରହିଛି। କେନ୍ଦୁଝର ଜିଲାରେ କେତେକ ବସ ବିନା ପରମିଟ୍‌ରେ ଅଲଗା ରୁଟ୍‌ରେ ବସ ଚଳାଚଳ କରୁଥିବା ବେଳେ ପରମିଟ ଅନୁଯାୟୀ ଠିକ୍ ସ୍ଥାନରୁ ବସ ଚଳାଚଳ ଆରମ୍ଭ ହେଉ ନ ଥିବା ନେଇ ଅଭିଯୋଗ ହୋଇଆସୁଛି। ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଭଡ଼ା ନିର୍ଦ୍ଧାରଣ ଠିକ୍ ଭାବେ କରାଯାଇ ଯାତ୍ରୀଙ୍କ ସୁବିଧା ପାଇଁ ସୂଚନା ଫଳକ ବିଭିନ୍ନ ବସ୍‌ଷ୍ଟାଣ୍ଡ ବା ଷ୍ଟପ୍‌ମାନଙ୍କରେ ଲଗାଯାଉ ନ ଥିବାରୁ ଯାତ୍ରୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି।

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ବାର୍ଷିକୋତ୍ସବ

ଧାମନଗର,୨୧।୪ (ଡି.ଏନ.ଏ): ଭଦ୍ରକ ଜିଲା ଧାମନଗର ବ୍ଲକ୍ ଆନନ୍ଦପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ଅଷ୍ଟାଦଶତମ ବାର୍ଷିକୋତ୍ସବ ଓ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧାପକ ସୁଧାକର ଖୁଣ୍ଟିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ଇଞ୍ଜିନିୟର ସୁବାସ କର, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଡା. ସଞ୍ଜୟ ଦାସ, ପୂର୍ବତନ ବ୍ଲକ୍ ଅଧକ୍ଷ ଅଶୋକ ନାୟକ, ସମବାୟ ସମିତି ସଭାପତି ହରେକୃଷ୍ଣ ପାଢ଼ି, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ଭାରତ ବିଜୟ ଦଳେଇ, କୃଷ୍ଣଚନ୍ଦ୍ର ପତି, ବାସୁଦେବ ପାଗଳ, ପ୍ରମୋଦ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଗୋପବନ୍ଧୁ ଖୁଣ୍ଟିଆ ବାର୍ଷିକ ବିବରଣୀ, ଶିକ୍ଷା ଏକାଡେମୀ ଅଧକ୍ଷ ମାନସ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ପାଣି ପାଇଁ ପ୍ରତିବାଦ

## ଦାମୁସାହି ବାସିନ୍ଦାଙ୍କ ରାସ୍ତାରୋକୋ

ଖୁଣ୍ଟା,୨୧।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ବାହାନଡ଼ା ପଞ୍ଚାୟତ ଅନ୍ତର୍ଗତ ଗୟଳମରା ଗ୍ରାମର ଦାମୁସାହି ବାସିନ୍ଦା ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ଶୁକ୍ରବାର ରାସ୍ତାରୋକୋ କରିଥିଲେ। ଖୁଣ୍ଟା–ଉଦଳା ରାଜ୍ୟ ରାଜପଥର ଲାଲଖମଣ ଛକଠାରେ ଗରା ଓ ବାଲ୍‌ଟି ରଖି ୩ ଘଣ୍ଟା ଧରି ପ୍ରତିବାଦ କରିଥିଲେ। ଫଳରେ ଯାନବାହାନଗୁଡ଼ିକ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଅଟକି ରହିଥିବା ଦେଖିବାକୁ ମିଳିଥିଲା।

ଅଭିଯୋଗ ଅନୁଯାୟୀ,ଦାମୁସାହିରେ ମୋଟ ୩୭ ପରିବାର ରହି ଆସୁଥିବା ବେଳେ ଦୀର୍ଘ ଦିନ ହେଲା ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ତେବ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ। ଯାହାକୁ ନେଇ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା,ପୁରୁଷ ଗରା ଓ ବାଲ୍‌ଟି ଧରି ରାଜରାସ୍ତାରେ ବସି ପ୍ରତିବାଦ କରିଥିଲେ। ଖବରପାଇ ବିଡିଓ ମାନସ ରଞ୍ଜନ ସାମଲଙ୍କ ସମେତ ଖୁଣ୍ଟା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରବର୍ତ୍ତୀ ସମୟରେ ଲୋକଙ୍କ ସହିତ ବିଡିଓ ସାମଲ ଉକ୍ତ ଗ୍ରାମକୁ ପରିଦର୍ଶନରେ ଯାଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସାବିତ୍ରୀ ଟୁଡୁଙ୍କୁ ପଚାରିବାରୁ ଆନ୍ଦୋଳନକାରୀଙ୍କ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଏହି ସାହିରେ ୩୭ ପରିବାର ଥିବା ବେଳେ ୫ଟି ନଳକୂପ ରହିଛି। ସେଥି ମଧ୍ୟରୁ ଗୋଟିକରେ ସୋଲାରସିଷ୍ଟମ ମଧ ରହିଛି। ଏହା ବ୍ୟତୀତ ୩ଟି ନନ୍ଦ କୂଅ ଅଛି। ତେବେ ବିଭିନ୍ନ କାରଣରୁ କେତୋଟି ନଳକୂଅ ସାମୟିକ ଭାବେ ଅଚଳ ହୋଇଥିବା କାରଣରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା ସରପଞ୍ଚ ପ୍ରକାଶ କରିଛନ୍ତି। ତେବେ ନଳକୂଅଗୁଡ଼ିକୁ ଯଥାଶିଘ୍ର ମରାମତି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂଚନା ଦେଇଛି।


ରାସ୍ତାରୋକୋ କରିଥିବା ଗ୍ରାମବାସୀ।

## ଗରା,ବାଲ୍‌ଟି ଧରି ବସିଲେ

ବାରିପଦା ଅଫିସ,୨୧।୪

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ବାଉଁଶବିଲା ପଞ୍ଚାୟତରେ ପାନୀୟ ଜଳର ଅଭାବକୁ ନେଇ ଅଞ୍ଚଳବାସୀ ଶୁକ୍ରବାର ବାରିପଦା–ଉଦଳା ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଖବରପାଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀଯନ୍ତ୍ରୀ ସୁରେନ୍ଦ୍ର କିସ୍କୁ ଓ ବାରିପଦା ଟାଉନଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ପ୍ରକାଶ ଯେ, ବାଉଁଶବିଲା ପଞ୍ଚାୟତର ୧୬ ଓ ୧୭ନଂ. ୱାର୍ଡବାସୀ ପିଇବା ପାଣି ପାଇଁ ଦୀର୍ଘ ଦିନ ଧରି ହନ୍ତସନ୍ତ ହେଉଛନ୍ତି। ଗତ ୧୮ତାରିଖରେ ୱାର୍ଡସଭ୍ୟ ଚନ୍ଦନ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ତେବେ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଯୋଗୁ ପାନୀୟ ଜଳର ଘୋର ସଙ୍କଟ ଦେଖାଦେବାରୁ ଲୋକେ ରାଜରାସ୍ତାକୁ ଓହ୍ଲାଇଥିଲେ। ଶତାଧିକ ମହିଳା,ପୁରୁଷ ପୋଡ଼ାଅସ୍ତିଆ ଛକଠାରେ ଗରା,ବାଲ୍‌ଟି ଧରି ରାସ୍ତା ଅବରୋଧ କରିଥିଲେ।


ଗରା,ବାଲ୍‌ଟି ଧରି ରାସ୍ତା ଅବରୋଧ କରିଥିବା ମହିଳାମାନେ।

#### ପଶ୍ଚିମବଙ୍ଗକୁ ଚାଲାଣ ବେଳେ ଦୁର୍ଘଟଣା

### କାର୍‌କୁ ପିଟିଲା ଗୋରୁ ବୋଝେଇ ଭ୍ୟାନ୍, ହେଲପର ଗିରଫ

ରୂପସା, ୨୧।୪(ଡି.ଏନ.ଏ.)

ପଶ୍ଚିମବଙ୍ଗକୁ ଏକ ଭ୍ୟାନ୍‌ରେ ଗାଈ, ଷଣ୍ଢ ଚୋରାଚାଲାଣ ବେଳେ ବାଲେଶ୍ୱର ଜିଲା ୧୬ ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଗୁଡ଼ିଖାଲ ଛକ ନିକଟରେ ଶୁକ୍ରବାର ଏକ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏହି ଗୋରୁ ବୋଝେଇ ଭ୍ୟାନ୍ ଏକ କାର୍‌ର ପଛପଟୁ ଧକ୍କା ଦେବା ଫଳରେ ସ୍ଥାନୀୟ ଲୋକେ ଭ୍ୟାନ୍‌କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭରଙ୍କ ସମେତ ୪ଜଣ ସହଯୋଗୀ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ସ୍ଥାନୀୟ ଲୋକେ ହେଲପରଙ୍କୁ କାବୁ କରି ଦଉଡ଼ିରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ଜଣାପଡିଛି।

ବାଲେଶ୍ୱର ପଟୁ ଏକ ଭ୍ୟାନ୍‌ରେ କିଛି ଷଣ୍ଢ ଏବଂ ଗାଈ ବୋଝେଇ କରି ପଶ୍ଚିମବଙ୍ଗ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗୁଡ଼ିଖାଳ ଛକ ନିକଟରେ ସାମ୍ନାରେ ଯାଉଥିବା ଏକ କାର୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭରଙ୍କ ସମେତ ୪ ଜଣ ଫେରାର ହୋଇଥିଲେ। ହେଲପରଙ୍କୁ କାବୁ କରି ସ୍ଥାନୀୟ ଲୋକେ ବସ୍ତା ଥାନା ଓ ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ହେଲପରଙ୍କୁ ଗିରଫ କରିଥିଲା। ଗୋଟିଏ ଷଣ୍ଢ ଏବଂ ଗୋଟିଏ ଗାଈକୁ ଉଦ୍ଧାର କରାଯିବା ସହ କାର୍ ଏବଂ ଟ୍ରକ୍‌କୁ ଜବତ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

## ଟାଟା ଷ୍ଟିଲ ପକ୍ଷରୁ ଜାତୀୟ ଅଗ୍ନିସେବା ସପ୍ତାହ


ଅଗ୍ନିଶମ କର୍ମଚାରୀ ପ୍ରଶିକ୍ଷଣ ଦେଉଛନ୍ତି।

ଯୋଡ଼ା,୨୧।୪(ଡି.ଏନ.ଏ.)

ଟାଟା ଷ୍ଟିଲ ଯୋଡ଼ା ପକ୍ଷରୁ ଜନସାଧାରଣ, କର୍ମଚାରୀ, ଯୁବ ଗୋଷ୍ଠୀ ଏବଂ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ସଚେତନତା ଉଦ୍ଦେଶ୍ୟରେ ଜାତୀୟ ଅଗ୍ନିସେବା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଡ଼ା ଇଷ୍ଟ, ଖଣ୍ଡବଣ୍ଡ ଲୌହ ଖଣି ସହ ସାହି, ବିଭିନ୍ନ ବସ୍ତି ଏବଂ ଟାଟା ଡିଏଭି ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଆଁକୁ କିଭଳି ଆୟତ୍ତ କରିହେବ, ନିଆଁ ଲିଭା ଯନ୍ତ୍ରକୁ କିଭଳି ଠିକ୍ ବ୍ୟବହାର କରିହେବ। ନିଆଁ ଲାଗିବା ସମୟରେ କେଉଁ ଜିନିଷ ପ୍ରତି ଗୁରୁତ୍ୱ ଦିଆଯିବ ସେହି ଦିଗରେ ଆଲୋଚନା କରାଯାଇଥିଲା। ଏତଦ୍ ବ୍ୟତୀତ, ମକଡ୍ରିଲ ମାଧ୍ୟମରେ ନିଆଁ ଲିଭାଇବା ଉପାୟ ଦର୍ଶାଯାଇଥିଲା। ଅଗ୍ନିଶମ ଟିମ୍ ଘର, ଅଫିସ, ଶିକ୍ଷାନୁଷ୍ଠାନ ତଥା ବ୍ୟବସାୟିକ ପ୍ରତିଷ୍ଠାନରେ ଧୂଆଁ ଚିହ୍ନଟ ମେସିନ ଲଗାଇବାକୁ ପରାମର୍ଶ ଦେଇଥିଲେ। ଖଣିରେ କର୍ମଚାରୀମାନେ ଅଗ୍ନି ସୁରକ୍ଷା ସପଥ ପାଠ କରି ଏହି ସମୟରେ ଅନ୍ୟମାନଙ୍କର ଜୀବନ ବଞ୍ଚାଇବାକୁ ଶପଥ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ବାହିନୀରେ ନିଷ୍ଠାପର ସହ କାର୍ଯ୍ୟ ସମ୍ପାଦନ କରି ନିଜ ଜୀବନକୁ ଉତ୍ସର୍ଗ କରିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରିବା ଉଦ୍ଦେଶ୍ୟରେ, ପ୍ରତିବର୍ଷ ଅପ୍ରେଲ ୧୪ରୁ ୨୦ ତାରିଖ ଏହି ସପ୍ତାହ ପାଳନ କରାଯାଇଥାଏ।

#### ବହୁଚର୍ଚ୍ଚିତ ବିନୋଦ ବିହାରୀଙ୍କ ହତ୍ୟା ଘଟଣା

### ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ

ବାଲେଶ୍ୱର ଅଫିସ, ୨୧।୪:

ବାଲେଶ୍ୱର ସଦର ଥାନା ଅଧୀନ କୁରୁଡ଼ା ହାଟପଡ଼ିଆ ନିକଟରେ ବହୁଚର୍ଚ୍ଚିତ ବିନୋଦ ବିହାରୀ ଦାସଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ହତ୍ୟା ପରେ ଅପରାଧୀମାନେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଫଟୋ ପୋଷ୍ଟ କରି ମର୍ଡ଼ର ଡେ ସେଲିବ୍ରେଶନ୍ କରିଥିଲେ। ଏହି ମାମଲାରେ ସଦର ଥାନାରେ ମାମଲା (ନଂ. ୩୫୪/୨୧) ରୁଜୁ କରାଯାଇ ପୂର୍ବରୁ ୨୨ଜଣ ଗିରଫ କରାଯାଇଥିଲା। ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ସହଦେବଖୁଣ୍ଟା ଥାନା ଅଧୀନ ଭାସ୍କରଗଞ୍ଜ ଅଞ୍ଚଳର ସଞ୍ଜୟ କୁମାର ସେଠୀ (୩୪) ଓ ସହଯୋଗୀ ତେଲେଙ୍ଗାସାହି ଅଞ୍ଚଳର ମନୋଜ ଲେଙ୍କା (୩୭)ଙ୍କୁ ପୋଲିସ ଗିରଫ କରିବାରେ ସମର୍ଥ ହୋଇଛି। କୁରୁଡ଼ା ହାଟ ପଡ଼ିଆରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ଗତ ୨୦୨୧ ଅକ୍ଟୋବର ୩୧ ତାରିଖରେ ବିନୋଦଙ୍କୁ ଗୁଳି କରିଥିଲେ। ପରେ ଅନ୍ୟତମ ଅଭିଯୁକ୍ତ ମନୋଜ ଧାରୁଆ ଅସ୍ତ୍ରରେ ବିନୋଦଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ବିନୋଦଙ୍କ ମୃତ୍ୟୁ ଘଟିଥିଲା। ତେବେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ପୃଥକ୍ ଭାବେ ୧୧ଟି ଆପରାଧିକ ମାମଲା ରହିଥିବା ପୋଲିସ୍ ସୂଚନା ଦେଇଛି। ଏନେଇ ସଦର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

## 'ଆମ ଭାଷା ଆମ ପରିଚୟ'

#### ଓଡ଼ିଆ ସପ୍ତାହ ପାଳିତ

ଭଦ୍ରକ ଅଫିସ, ୨୧।୪

ଚଳିତମାସ ୧୫ ତାରିଖରୁ ୨୧ ପର୍ଯ୍ୟନ୍ତ ଓଡ଼ିଆ ସପ୍ତାହ ପାଳନ ଅବସରରେ ଶୁକ୍ରବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ 'ଆମ ଭାଷା ଆମ ପରିଚୟ' ଶୀର୍ଷକ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ପ୍ରତିଯୋଗୀମାନଙ୍କ ବକ୍ତବ୍ୟ ବେଶ୍ ପ୍ରଭାବଶାଳୀ ଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ତଥା ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ଅନୁପ କୁମାର ବେହେରା ଏବଂ ସହାୟକ ଜିଲାପାଳ ସୁଧାଂଶୁ ମୋହନ ସ୍ୱାଇଁ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତା ଶେଷରେ ଓଡ଼ିଆ ସପ୍ତାହ ପାଳନ ନେଇ ଏକ ଆଲୋଚନାଚକ୍ର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଯୋଗଦେଇ ମାତୃଭାଷା ମା'ର ଭାଷା, ଯେତେ ଉଚ୍ଚଶିକ୍ଷିତ ହେଲେ ବି ମାତୃଭାଷାକୁ କେବେ ଭୁଲିପାରିବା ନାହିଁ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।


ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଜନ୍ମଦିନରେ ମହାଯାତ୍ରା ଗାଡ଼ି ଯୋଗାଇବାକୁ ଘୋଷଣା



ଜନ୍ମ ଦିନ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୨୧।୪(ଡି.ଏନ୍.ଏ)

ନିଜ ଜନ୍ମଦିନରେ ମୃତବ୍ୟକ୍ତିଙ୍କ ପରିବହନ ପାଇଁ ମହାଯାତ୍ରା ଗାଡ଼ି ଯୋଗାଇଦେବାକୁ ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର ଘୋଷଣା କରିଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର ୭ନଂ. ୱାର୍ଡରେ ଆୟୋଜିତ ଜନ୍ମ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଯାନର ସମସ୍ୟା ସମାଧାନ ପାଇଁ ଘୋଷଣା କରିଛନ୍ତି। ଗ୍ରାମଶ୍ରୀ ଠାକୁରାଣୀ କମିଟିର ସଭାପତି ଦୀପକ ମିଶ୍ରଙ୍କ ସଭାପତିତ୍ୱରେ ମୋହିନୀ ମୋହନ ମିଶ୍ର, ସ୍ଥାନୀୟ କାଉନ୍‌ସିଲର ଅବିନାଶ ମିଶ୍ର, ନିତ୍ୟାନନ୍ଦ ଦାଶ, ଜିଲା ଟ୍ରକ୍ ମାଲିକ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଗୁରୁଚରଣ ନାଏକ, ଅୟସକାନ୍ତ ପଟ୍ଟନାୟକ, ଶଶୀକାନ୍ତ ଦାସ, ଦୂର୍ଯ୍ୟୋଧନ ନାଏକ, ଜୟକୃଷ୍ଣ ପଣ୍ଡା, ନରେଶ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ଦେବାଶିଷ ମିଶ୍ର, ଉତ୍ତମ କର, ସଦାନନ୍ଦ ବେଜ, ପ୍ରମୋଦ ନାଏକ, ଅଜୟ ମିଶ୍ର, ରବିନ୍ଦ୍ର ନାଏକ, ଭୁବନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ମାଲିକ ହାତେଇଛନ୍ତି ରାଶନକାର୍ଡ

ଆନନ୍ଦପୁର,୨୧।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗୋହିରା ପଞ୍ଚାୟତ ଭୋଲନୂଆଗାଁରେ ରାଶନକାର୍ଡ ବଣ୍ଟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଜଣେ ବ୍ୟକ୍ତିଙ୍କ ୧୦ ଓ ୧୨ ଚକିଆ ଗାଡ଼ି ଥିବା ବେଳେ ତାଙ୍କ ନାମରେ ରାଶନକାର୍ଡ ରହିବା ସହିତ ମଧୁବାବୁ ପେନସନ ଯୋଜନାରେ ସେ ଭତ୍ତା ପାଉଛନ୍ତି। ଏ ସମ୍ପର୍କରେ ଉକ୍ତ ଗ୍ରାମର ଜଣେ ହିତାଧିକାରୀ ଘସିପୁରା ବିଡିଓଙ୍କ ନିକଟରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ବିଡିଓ ଅସୀତ କୁମାର ମହାନ୍ତି ଅଭିଯୋଗର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ନାବାଳିକା ଅପହରଣ ଅଭିଯୋଗ, ୩ ଅଟକ

ପଦ୍ମପୁର, ୨୧।୪ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ନାବାଳିକା ଅପହରଣ ଅଭିଯୋଗରେ ୩ ଯୁବକଙ୍କୁ ଅଟକ ରଖିଛି। ଲକ୍ଷ୍ମୀଦାସପୁର ଅଞ୍ଚଳରେ ଜଣେ ନାବାଳିକାଙ୍କୁ କେହି ଅପହରଣ କରି ନେଇଥିବା ତାଙ୍କ ବାପା ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଓ ସନ୍ଦିଗ୍ଧ ଯୁବକଙ୍କ ମୋବାଇଲ ନମ୍ବର ଟ୍ରାକ୍ କରି ତଦନ୍ତକାରୀ ଅଧିକାରୀ ମହେଶ୍ୱର ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି।

### ଚୋରି ଅଭିଯୋଗରେ ଜଣେ ଗିରଫ

କୋଡ଼ପଡ଼ା,୨୧।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ଭଦ୍ରକ ଜିଲା ବନ୍ତ ଥାନା ଆପଣ୍ଡା ଗ୍ରାମର ହିମାଂଶୁ ପ୍ରଧାନ (୨୩)। ତାଙ୍କ ନିକଟରୁ ଚୋରି ସ୍କୁଟି ଓ ମୋବାଇଲ ଜବତ ହୋଇଛି। ପୋଲିସ ସୂଚନା ମୁତାବକ ଆନନ୍ଦପୁର ଥାନା ଅନ୍ତର୍ଗତ କାଠକଟା ଗ୍ରାମର ଉମାକାନ୍ତ ମହାନ୍ତ (୨୨)ଙ୍କ ସ୍କୁଟି ଓ ମୋବାଇଲକୁ କେହି ଦୁର୍ବୃତ୍ତ ବୁଧବାର ରାତିରେ ଚୋରି କରି ନେଇଥିଲେ। ଏ ନେଇ ସେ ଗୁରୁବାର ସକାଳେ ଆନନ୍ଦପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଭଦ୍ରକ ଜିଲା ବନ୍ତ ଥାନା ଆପଣ୍ଡା ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ
#### ଅଂଶୁଘାତ ସନ୍ଦେହ

ରାଇବଣିଆ/ଜଳେଶ୍ୱର, ୨୧।୪(ଡି.ଏନ.ଏ.) ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ସର୍ଦ୍ଦାରବନ୍ଧ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ଡାଲୁ କିସ୍କୁ(୨୬) ନାମକ ଯୁବକ ବିଲକୁ ଯାଇଥିବା ବେଳେ ସେଠାରେ ହଠାତ୍ ପଡିଯାଇଥିଲେ। ବିଲରେ ଥିବା ଅନ୍ୟମାନେ ତାଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ନିକଟସ୍ଥ ହାତୀଗଡ଼ ଡାକ୍ତରଖାନା ନେଇଯାଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ପଠାଯାଇଛି। ସେ ଏକମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

## ଶିକ୍ଷାଗତ ଯୋଗ୍ୟତା ଆଧାରରେ ବେତନ ଦାବି

#### ମିଳିତ ଅମଲା ମଞ୍ଚ ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର ଅଫିସ, ୨୧।୪

ଶିକ୍ଷାଗତ ଯୋଗ୍ୟତା ଆଧାରରେ ବେତନ ଦାବି ଯଥା ପ୍ରବେଶିକା ସ୍ତରରେ ୪୦୦ଗ୍ରେଡ୍ ପେ/ଲେଭଲ୍–୨ ପ୍ରଦାନ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି।

ଅମଲାମାନେ ସଦାସର୍ବଦା ଶୃଙ୍ଖଳିତ ଏବଂ ବୃତ୍ତିଗତ ସଚେତନ ଥିଲେ ମଧ ସରକାର ସେମାନଙ୍କ ପ୍ରତି ସମାନ ଶିକ୍ଷାଗତ ଯୋଗ୍ୟତା ଥିବା ପଦବୀ ତୁଳନାରେ ବେତନଗତ ତାରତମ୍ୟ ସୃଷ୍ଟି କରିଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ରାଜ୍ୟରେ ସମସ୍ତ ବିଭାଗରେ ଥିବା ଅମଲାମାନେ ଏକଜୁଟ୍ ହୋଇ ଜିଲାସ୍ତରୀୟ ମିଳିତ ମଞ୍ଚ ଗଠନ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଙ୍ଗଠନ କାର୍ଯ୍ୟକାରିଣୀର ନିର୍ଦ୍ଦେଶକ୍ରମେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଗାନ୍ଧୀ ସ୍ମୃତିଭବନଠାରୁ ଏକ ପଦଯାତ୍ରାରେ ବାହାରି ଷ୍ଟେଶନ ଛକ, ଫକୀରମୋହନ ଗୋଲେଇ, ଫାଣ୍ଡିଛକ ଦେଇ ଜିଲାପାଳଙ୍କ ଅଫିସ୍ ନିକଟରେ ପହଞ୍ଚିଥିଲେ। ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ବାଲେଶ୍ୱର ଶାଖାର ଅଧ୍ୟକ୍ଷ ଲକ୍ଷ୍ମୀଧର ବେହେରା ଓ ଆବାହକ ପ୍ରଦୀପ କୁମାର ଦାଶଙ୍କ ପ୍ରତିନିଧିତ୍ୱରେ ୪ଜଣିଆ ପ୍ରତିନିଧି ଦଳ ଜିଲାପାଳ ଶିନ୍ଦେଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଶତାଧିକ ଅମଲା ଯୋଗଦେଇ ନିଜର ହକ୍ ପାଇଁ ଆସନ୍ତା ଦିନରେ ଦରକାର ପଡ଼ିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ଶପଥ ନେଇଥିଲେ।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ସଦସ୍ୟାସଦସ୍ୟ।

